**ସଂକ୍ଷେପରେ**

## ସ୍ୱର୍ଣ୍ଣିମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



ଚନ୍ଦାହାଣ୍ଡି, ୨୪।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ନମିତା ଓ ରାକ୍ଷୀ ଭଉଣୀଙ୍କ ପରାମର୍ଶକ୍ରମେ ସନ୍ଧ୍ୟା ଭଉଣୀଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ସବ୍‌ଜୋନ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମା କୁମାରୀ ନିଲମ ଦିଦିଙ୍କର ସ୍ୱର୍ଣ୍ଣିମ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଛି। ନଭେମ୍ବର ୧୪ରେ ଏହି ଜୟନ୍ତୀ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ବ୍ରହ୍ମାକୁମାରୀ ଭଉଣୀ ଭାଇ ଯୋଗଦେବେ। ଚନ୍ଦାହାଣ୍ଡିସ୍ଥିତ ପୂଜାରୀଗୁଡାରେ ଦୀର୍ଘ ୩୦ ବର୍ଷ ଧରି ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ବହୁ ଭଉଣୀ ଭାଇ ଶିବବାବାଙ୍କ ଅଲୌକିକ ମୁରଲୀ ପାଠ କରୁଛନ୍ତି। ଏହି ବୈଠକରେ ବିକେ ସନ୍ଧ୍ୟା, ଉର୍ମିଳା, ରେଣୁକା, ସସ୍ମିତା, ବିକେ ସୁରେଶ, ଦିଲୀପ, ଅଭିରାମ, ଦେବେନ୍ଦ୍ର, ଦେବାନନ୍ଦ, ସହଦେ, ଝିନବାସ, ଜିତେନ୍ଦ୍ର, ଗୁନଚୁ, ଧନୁ, ଶିବରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବସେନା ପକ୍ଷରୁ ବାଇକ୍ ଶୋଭାଯାତ୍ରା



ଉମରକୋଟ, ୨୪।୧୦(ସ୍ୱ.ପ୍ର.) କଶ୍ମୀରରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ରବିବାର ଦେବସେନାର ଓଡ଼ିଶା ଉପାଧକ୍ଷ ସତ୍ୟବ୍ରତ ସାମଲଙ୍କ ନେତୃତ୍ୱରେ ଉମରକୋଟରେ ଏକ ବିଶାଳ ମୋଟର ସାଇକେଲ ରାଲି ଅନୁଷ୍ଠିତ ହୋଇଛି। ଏଥିରେ ବଜରଙ୍ଗ, ଏବିଭିପି, ଆର୍‌ଏସ୍‌ଏସ୍‌ର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ। ଡଙ୍ଗରିଗୁଡ଼ାସ୍ଥିତ ଶନି ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ରାମ ମନ୍ଦିର ନିକଟରେ ପହଞ୍ଚିବା ପରେ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା। କଶ୍ମୀର ତଥା ଦେଶର ଅନ୍ୟ ସ୍ଥାନଗୁଡିକରେ ଯେଭଳି ହିନ୍ଦୁଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି ତାହାକୁ ନିନ୍ଦା ସହ ଲଭ୍ ଜିହାଦକୁ ଦୃଢ଼ ଭାବରେ ବିରୋଧ କରାଯାଇଥିଲା। ୨୦୩୦ ସୁଦ୍ଧା ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# ସରକାରୀ ସହାୟତା, ପବ୍ଲିକ୍ ଫଣ୍ଡିଂ ଅପେକ୍ଷାରେ ନିର୍ମଳ

■ ଫଙ୍ଗସ୍ ମେନିଂଜାଇଟିସ୍‌ରେ ପୀଡିତ
■ ଚିକିତ୍ସାରେ ଅର୍ଥ ବାଧକ

ଉମରକୋଟ, ୨୪।୧୦(ସ୍ୱ.ପ୍ର.)

ଫଙ୍ଗସ୍ ମେନିଂଜାଇଟିସ୍‌ରେ ପୀଡିତ ହୋଇ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ନବରଙ୍ଗପୁର ଜିଲା ଉମରକୋଟ ସହର ଦର୍ଗାଗୁଡା ଗ୍ରାମର ନନି ଗୋପାଳ ସରକାରଙ୍କ ପୁଅ ନିର୍ମଳ(୨୭)। ନନିଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ପାଲଟିଛି। ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତାକୁ ପରିବାର ଲୋକେ ଅପେକ୍ଷା କରିଛନ୍ତି।

ସ୍ତ୍ରୀ, ପୁଅ ନିର୍ମଳ, ବୋହୂ ଓ ଦେଢ଼ ବର୍ଷର ନାତୁଣୀଙ୍କୁ ନେଇ ନନିଙ୍କ ପରିବାର। ନିର୍ମଳ ଘରର ଏକମାତ୍ର ରୋଜଗାରିଆ ଲୋକ। ସେ ଘରେ ଘରେ ଡିଟିଏଚ୍ କନେକ୍ସନ ଦେବା ସହ ଏହାର ମରାମତି କରିଥାନ୍ତି। ୨ ବର୍ଷ ତଳେ ହଠାତ ନିର୍ମଳଙ୍କ ରକ୍ତ ବାନ୍ତି ହେଲା। ଧାର ଉଧାର କରି ଲୋକେ ବିଶାଖାପାଟଣାକୁ ନେଲେ। ଖର୍ଚ୍ଚ ଅଧିକ ହେଉଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଆସିଲେ। କଟକ ନେବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସାମାନ୍ୟ ସୁସ୍ଥ ହୋଇ ନିର୍ମଳ ଘରକୁ ଆସିଲେ। ମାସକ ପରେ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ନିର୍ମଳଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ୍ୟ ଭଲ ନ ହେବାରୁ ଟଙ୍କା ଧାର ଉଧାର କରି ପରିବାର ଲୋକେ ନିର୍ମଳଙ୍କୁ ଭେଲୋର ନେଇଯାଇଥିଲେ। ନିର୍ମଳ ଭଲ ହୋଇ ଘରକୁ ଫେରି ୬ମାସ ସାମନ୍ୟ ରହିବା ପରେ ପୁଣି ଅସୁସ୍ଥ ହୋଇଛନ୍ତି। ଏବେ ତାଙ୍କୁ



ନିର୍ମଳ ସରକାର

ବିଶାଖାପାଟଣାରେ ଭର୍ତ୍ତି କରାଯାଇଛି।

ଏହି ରୋଗ ଆରମ୍ଭ ହେବା ମାତ୍ରେ ନିର୍ମଳଙ୍କ ଆଖି ଲାଲ ହୋଇଯାଏ। ମସ୍ତିଷ୍କ କାମ କରେନି। ଦେହର ତାପ ମାତ୍ରା ଅହେତୁକ ବଢ଼ିଯାଏ। ନିର୍ମଳଙ୍କୁ ବର୍ଷକୁ ଗୋଟିଏ ଇଞ୍ଜେକସନ ନେବାକୁ ପଡ଼ିବ। ଯାହାର ଦାମ ୩୦୦୦୦ ଟଙ୍କା। ଥରେ ଧାର ଉଧାର କରି ଇଞ୍ଜେକ୍ସନ ଦେଲୁ। କିନ୍ତୁ ୬ମାସ ପରେ ଚଳିତ ବର୍ଷ ଦଶହରାରେ ସେ ପୁଣି ଅସୁସ୍ଥ ହୋଇପଡିଲେ। ତାଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ଏବେ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଭେଣ୍ଟିଲେଟରରେ ରହି ଚିକିତ୍ସା କରାଉଛୁ। ଦିନକୁ ୪୦ହଜାର ଟଙ୍କା ଦରକାର ପଡୁଛି। ଏଠାରେ ଜଣେ ଓଡ଼ିଆ ଡାକ୍ତର କିଛି ସାହାର୍ଯ୍ୟ କରୁଛନ୍ତି ବୋଲି ନିର୍ମଳଙ୍କ ମା' କବିତା କହିଛନ୍ତି। ଘରର ଗୋଟିଏ ଏକର ଜମି ବିକ୍ରି କରିସାରିଲୁଣି। ଅନ୍ୟ ପଟେ ପୁଅ ଚିନ୍ତାରେ ନନି ଏବେ ପକ୍ଷଘାତ ରୋଗରେ ପୀଡ଼ିତ ହୋଇ ଚାଲିପାରୁ ନାହାନ୍ତି। ସମ୍ପର୍କୀୟ ଓ ବନ୍ଧୁ ଦେଉଥିବା କିଛି ଟଙ୍କାରେ ଏବେ ଚିକିତ୍ସା ଚାଲିଛି। ପ୍ରଶାସନ ନିର୍ମଳଙ୍କ ଚିକିତ୍ସା ଦାୟିତ୍ୱ ନିଅନ୍ତୁ ବୋଲି ପରବାର ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନିର୍ମଳଙ୍କ ସ୍ୱାସ୍ଥ୍ୟବସ୍ଥା ସମମ୍ପର୍କରେ ମାମୁଁ କ୍ରିଷ୍ଣପଦ ବୈଦ୍ୟ ପବ୍ଲିକ୍ ଫଣ୍ଡିଂ ଆଶାରେ ଫେସ୍‌ବୁକ୍ ପୋଷ୍ଟ କରିବା ପରେ କିଛି କିଛି ଆର୍ଥିକ ସାହାଯ୍ୟ ମିଳିବା ଆରମ୍ଭ ହୋଇଛି। ନିର୍ମଳଙ୍କ ପାଇଁ ଆର୍ଥିକ ସାହର୍ଯ୍ୟ ଦେବାକୁ ଇଚ୍ଛୁକ ବ୍ୟକ୍ତି ୯୯୩୭୭୪୬୦୭୩ରେ ଫୋନ୍ ପେରେ ଟଙ୍କା ଦେଇପାରିବେ ବୋଲି ମାମୁଁ କୃଷ୍ଣପଦ କହିଛନ୍ତି।

## ଜିଲାପାଳଙ୍କୁ ନାଗରିକ ସମ୍ବର୍ଦ୍ଧନା

ନବରଙ୍ଗପୁର/ଉମରକୋଟ, ୨୪।୧୦(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦାସିଆ ସାଂସ୍କୃତିକ ପରିଷଦ ପକ୍ଷରୁ ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କୁ ତାଙ୍କ ସରକାରୀ ବାସଭବନରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଷଦର ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ ଜିଲାପାଳଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏହି ଅବସରରେ ସଭାପତି ଟୁଟୁବାବୁ ପଟ୍ଟନାୟକ, ସମ୍ପାଦକ ଏମ. ହିମାଂଶୁ ଆଚାରୀ, ସଂଗଠକ ସମୀର କୁମାର ପ୍ରଧାନ, ଅଧାପିକା ଡ. ସଂଯୁକ୍ତା ପଣ୍ଡା, ଯୁବ ସାହିତ୍ୟିକ ଓ ସମ୍ପାଦକ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଗଣେଶ ପ୍ରସାଦ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ନିଜ ମନ୍ତବ୍ୟରେ ଜିଲାରେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରରେ ପରିଷଦର ସମର୍ପିତ ଭାବନା ଓ ଗଠନମୂଳକ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ଇତ୍ୟବସରରେ ଜିଲାପାଳଙ୍କୁ ପରିଷଦର ବାର୍ଷିକ ମୁଖପତ୍ର 'ପ୍ରେରଣା' ଓ ହିମାଂଶୁ ଆଚାରୀଙ୍କ ସମ୍ପାଦିତ ପୁସ୍ତକ 'ଚନ୍ଦନଧାରା' ପ୍ରଦାନ କରାଯାଇଥିଲା। ପରିଷଦର ଏଭଳି ମହତ୍ ଉଦ୍ୟମକୁ ଜିଲାପାଳ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରି ଖୁସି ପ୍ରକଟ କରିଥିଲେ।

## ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମିଳିତ ଜାତସଂଘ ଦିବସ ପାଳିତ

ଗୁଣପୁର, ୨୪।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ପ୍ରାଧିକରଣ ପକ୍ଷରୁ ମିଳିତ ଜାତିସଂଘ ଦିବସ ଅନ୍‌ଲାଇନ୍ ମାଧ୍ୟମରେ ପାଳିତ ହୋଇଛି। ଏଥିରେ ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସବ୍ ଜଜ୍ ସଙ୍ଗୀତା ମଲ୍ଲିକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଭୂତି ଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବର୍ଷା ମହାନ୍ତି ଓ ଓକିଲ ରମେଶ ଚନ୍ଦ୍ର ଲିମା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଇନ




ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍, ସବ୍ ଜଜ୍ ଓ ଅନ୍ୟମାନେ।

ସେବା ସହାୟତା କ୍ଷେତ୍ରରେ ମିଳିତ ଜାତିସଂଘର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଗୁଣପୁର ମହାବିଦ୍ୟାଳୟ ରାଜନୈତିକ ବିଜ୍ଞାନ ବିଭାଗର ଅଧାପକ ତାମିଲ ପରାସେଟ ଓ ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଅଧାପକ ମୁରଲୀ ପଣ୍ଡା ଯୋଗଦେଇ ମିଳିତ ଜାତିସଂଘର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଉଭୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ସମାଜ କଲ୍ୟାଣ କାର୍ଯ୍ୟରେ ନିଷ୍ଠାର ସହ ଉଦ୍ୟମ ଜାରି ରହିବ



କାର୍ଯ୍ୟକ୍ରମରେ ନୂତନ ସଦସ୍ୟ ଓ ବରିଷ୍ଠ କେନ୍ଦ୍ରୀୟ କମିଟି ସଦସ୍ୟମାନେ।

**ଦିବ୍ୟଦର୍ଶନ ସଂଘର ନୂତନ କେନ୍ଦ୍ରୀୟ କମିଟି ପୁନର୍ଗଠିତ**

ପଦ୍ମପୁର, ୨୪।୧୦(ଡି.ଏନ୍.ଏ.)–

ଦିବ୍ୟ ଦର୍ଶନ ସଂଘ ଗୁରୁତୀର୍ଥ ଗୁଡ଼ିଆବନ୍ଧ ଶାଖା ଆନୁକୂଲ୍ୟରେ ଦିବ୍ୟ ଦର୍ଶନ ସଂଘର ମୁଖ୍ୟ ଆଶ୍ରମ ରାୟଗଡ଼ା ଜିଲାର ଅନ୍ତରଝୋଲିଠାରେ ରବିବାର ଏକ ସାଧାରଣ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବ୍ୟ ଦର୍ଶନ ସଂଘ କେନ୍ଦ୍ରୀୟ କମିଟିର ପୁନର୍ଗଠନ ପ୍ରକ୍ରିୟାରେ ୫ ନୂତନ ମନୋନୀତ କେନ୍ଦ୍ରୀୟ କମିଟିର ସଦସ୍ୟ ଗୁମୁଡ଼ାର ବାସିନୀ ଭୂଜଙ୍ଗ, ରାୟଗଡ଼ାର ରମେଶ ଚନ୍ଦ୍ର ଛୁଆଳସିଂ, ଅନୁଗୋଳ ବଅଁରପାଳର ହେମନ୍ତ କୁମାର ସାହୁ, ଝାରସୁଗୁଡ଼ା କାହାଳିପଡ଼ାର ସୁରେଶ ନାୟକ ଏବଂ କୋରାପୁଟ ଜିଲା ଜୟପୁରର ଏମ୍. ନାଗମଣୀ ଏବଂ ଦିବ୍ୟ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ନିମନ୍ତେ ମନୋନୀତ ୩ ସଦସ୍ୟ ତଥା ଟ୍ରଷ୍ଟି ଗୁରୁତୀର୍ଥ ଗୁଡ଼ିଆବନ୍ଧର ଉଦୟଶଙ୍କର ଲାଡି(ଗାନ୍ଧୀ), ରାୟଗଡ଼ାର ରମେଶଚନ୍ଦ୍ର ଛୁଆଳସିଂ ଓ କେଦାରନାଥ ଶତପଥୀଙ୍କ ସମ୍ବର୍ଦ୍ଧନା ଦିଆଯାଇଛି। ଦିବ୍ୟ ଦର୍ଶନ ସଂଘ କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟ କେଶବ ଭାଇ, ସମ୍ପାଦକ ନିରଞ୍ଜନ ଭାଇ, କୋଷାଧକ୍ଷ ବିଶ୍ୱନାଥ ଭାଇ ତଥା ସୁନାରାମ ଭାଇ ଉପସ୍ଥିତ ରହି ସଂଘ ପୁନର୍ଗଠନର ଆବଶ୍ୟକତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ନୂତନ ରୁପେ ଅନ୍ତର୍ଭୁକ୍ତ ହୋଇଥିବା କେନ୍ଦ୍ରୀୟ କମିଟିର ୫ ସଦସ୍ୟ ଓ ଦିବ୍ୟଦର୍ଶନ ଚାରିଟେବଲ ଟ୍ରଷ୍ଟର ୩ ନୂତନ ସଦସ୍ୟ ଏହି ସମାଜ କଲ୍ୟାଣ କାର୍ଯ୍ୟରେ ନିଷ୍ଠା ଓ ଆନ୍ତରିକତାର ସହ ଉଦ୍ୟମ କରିବାକୁ ସଙ୍କଳ୍ପ ନେଇଥିଲେ। ଉପସ୍ଥିତ ବରିଷ୍ଠ କେନ୍ଦ୍ରୀୟ କମିଟିର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅନ୍ତରଝୋଲି ଆଶ୍ରମର ପୂର୍ବତନ ପରିଚାଳକ ତଥା ପୂର୍ବତନ କୋଷାଧକ୍ଷ ଦିବଂଗତ ଶିବଚରଣ ଭାଇଙ୍କ ସ୍ମୃତିଚାରଣ କରି ଅଞ୍ଚଳରେ ଦିବ୍ୟ ଦର୍ଶନର ପ୍ରଚାର ପ୍ରସାର ଦିଗରେ ତାଙ୍କରି ଅବଦାନ ବିଷୟରେ କହିଥିଲେ।

## ମାଷ୍ଟରମାଇଣ୍ଡ ସମେତ ୪ ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତମାନେ।

**ବିଦ୍ୟାଧର ପ୍ରଧାନ ଅପହରଣ ଘଟଣା**

ବିଷମକଟକ୨୪।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ସୁନାରିଗୁଡ଼ା ନିକଟରୁ ଶନିବାର ସକାଳେ ହେମଗିରି ସାହିର ବିଦ୍ୟାଧର ପ୍ରଧାନି(୫୯)ଙ୍କୁ ଅପହରଣ କରାଯାଇଥିଲା। ଗାଡ଼ି ମୋଟର ଯାଞ୍ଚବେଳେ ରାୟଗଡ଼ା ପୋଲିସ ବିଦ୍ୟାଧରଙ୍କୁ ରାୟଗଡ଼ା ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରି ବିଷମକଟକ ପୋଲିସକୁ ହସ୍ତାନ୍ତର କରିଥିଲା। ରବିବାର ଏହି ଅପହରଣ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଘଟଣାର ମାଷ୍ଟରମାଇଣ୍ଡ ତଥା ବିଷମକଟକ ବଡ଼ସାହିର ସୁଧାକର କରକରିଆ(୪୧) ଏବଂ ତାଙ୍କ ସହଯୋଗୀ କାଙ୍କୁବାଡ଼ି ପଞ୍ଚାୟତ ବଣ୍ଡେଇଗୁଡ଼ା ଗ୍ରାମର ସୁଧାକର ହିଆଲ(୩୭), ରମେଶ ହିଆଲ(୨୫) ଏବଂ ଚାଟିକୋଣା ଗ୍ରାମର ରାହୁଲ ବାଗ(୨୪)। ସେମାନଙ୍କ ନିକଟରୁ ଅପହରଣରେ ବ୍ୟବହୃତ କାର୍(ଓଆର୍୦୭ ଏଲ୍ -୦୦୦୧), ଦୁଇ ବାଇକ୍(ଓଡି ୧୮ ସି-୦୩୨୦) ଓ (ଓଡି ୧୮ ଏଚ୍-୧୭୨୪) ଏବଂ ୪ ମୋବାଇଲ୍ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଶନିବାର ସକାଳେ ବିଦ୍ୟାଧର ପ୍ରାତଃଭ୍ରମଣରେ ବାହାରିଥିବାବେଳେ ୪ ବ୍ୟକ୍ତି ଆସି ତାଙ୍କୁ ଅପହରଣ କରି ନେଇଥିଲେ। ପରେ ବିଦ୍ୟାଧର ଏକ ଅଜଣା ନମ୍ବରରୁ ଘରକୁ ଫୋନ୍ କରି ଥାନାରେ ଅଭିଯୋଗ ନ କରିବାକୁ ସ୍ତ୍ରୀଙ୍କୁ କହିଥିଲେ। ୨ ଘଣ୍ଟା ଅପେକ୍ଷା କରିବା ପରେ ଏ ନେଇ ବିଦ୍ୟାଧରଙ୍କ ଝିଅ ସୁନିତା ବିଷମକଟକ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରି ବିଦ୍ୟାଧରଙ୍କୁ ଉଦ୍ଧାର କରିବା ପରେ ଥାନାରେ ରଖି ପଚରା ଉଚରା କରିଥିଲା। ବିଷମକଟକ ତହସିଲ ଅଧୀନ ଗଡିଗୁଡ଼ା ମୌଜାରେ ରହିଥିବା ୨ ଏକର ଜମିକୁ ନେଇ ୩ ବର୍ଷ ହେଲା ବିଷମକଟକ ବଡ଼ସାହିର ସୁଧାକର କରକରିଆଙ୍କ ସହ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଯୋଜନା ମୁତାବକ ତାଙ୍କୁ ଅପରହଣ କରାଯାଇଥିବା ବିଦ୍ୟାଧର କହିଥିଲେ। ଟ୍ରାକିଂବେଳେ ବିଦ୍ୟାଧର ଯେଉଁ ଫୋନ୍‌ରୁ ଘରକୁ ଫୋନ୍ କରିଥଲେ ତାହା ସୁଧାକରଙ୍କ ନମ୍ବର ବୋଲି ଜଣାପଡ଼ିଥିଲା। ଏହାପରେ ପୋଲିସ ସୁଧାକର କରକରିଆଙ୍କୁ ଥାନାକୁ ଆଣି ପଚରା ଉଚରାବେଳେ ସେ ଘଟଣାରେ ସମ୍ପୃକ୍ତ ଥିବା ସୁଧାକର ସ୍ୱୀକାର କରିବା ସହ ଅନ୍ୟ ୩ ସହଯୋଗୀଙ୍କ ବିଷୟରେ କହିଥିଲେ। ଏ ନେଇ ବିଷମକଟକ ଥାନାରେ ୧୧୮/୨୧ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## ୪ ଦିନ ହେଲା ଥାନାରେ ଅଟକ ଚାଉଳ ବୋଝେଇ ଟ୍ରକ୍



ମୁନିଗୁଡ଼ା, ୨୪।୧୦(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନାରେ ୪ ଦିନ ହେଲା ଏକ ଚାଉଳ ବୋଝେଇ ଟ୍ରକ୍‌କୁ ଅଟକ ରଖାଯାଇଛି। ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ରିହାତି ମୂଲ୍ୟରେ ସରକାର ଯୋଗାଇ ଦେଉଥିବା ଚାଉଳ କଳାବଜାର କରାଯାଉଥିବାବେଳେ ପୋଲିସ ଧରିଥିବା କେତେଜଣ କହୁଥିବାବେଳେ ଆଉ କିଏ ମିଲିଂ ଚାଉଳ ବିନା ବିଲ୍ ଯାଉଥିଲା ବୋଲି କହୁଛନ୍ତି। କିନ୍ତୁ ଗାଡ଼ି ଭର୍ତ୍ତି ଚାଉଳ ବସ୍ତା ୪ ଦିନ ହେଲା ଅଟକାଇ ରଖାଯାଇଥିଲେ ମଧ୍ୟ ତାହାର କାରଣ ଜଣାପଡୁନାହିଁ। ମୁନିଗୁଡ଼ା ଥାନାଧିକାରୀ ଛୁଟିରେ ଥିବାରୁ ମାମଲା ଅଟକି ରହିଥିବା ଜଣାପଡ଼ିଛି। ଥାନାର ଅନ୍ୟ ପୋଲିସ କର୍ମଚାରୀଙ୍କ ଠାରୁ ଏ ନେଇ କୌଣସି ସୂଚନା ମିଳିପାରୁନାହିଁ।

## ଦୁର୍ଘଟଣାଗ୍ରସ୍ତଙ୍କୁ ନେଇ ଚିକିତ୍ସା କରାଇଲେ ବ୍ୟାଙ୍କ କର୍ମଚାରୀ

କୋରୁକୋଣ୍ଡା, ୨୪।୧୦(ଡି.ଏନ୍. ଏ.)

ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇ ବଦାନ୍ୟତା ଦେଖାଇଛନ୍ତି ଜଣେ ବ୍ୟାଙ୍କ କର୍ମଚାରୀ। ମାଲକାନଗିରି ଜିଲା ଓରକେଲସ୍ଥିତ ଏସ୍‌ବିଆଇ ଶାଖାର ବିଏମ୍‌ଙ୍କ ସମେତ ଅନ୍ୟ କର୍ମଚାରୀମାନେ ବ୍ୟାଙ୍କ କାମରେ କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତର ଡାଇକ୍-୩ ଅଞ୍ଚଳକୁ ଯାଇଥିଲେ। କାମ ସାରି ଫେରିବା ସମୟରେ ବାଲିମେଳା ଛକ-ନାକାମାମୁଡିକୁ ସଂଯୋଗ କରୁଥିବା ଘାଟି ରାସ୍ତାରେ ଚିତ୍ରକୋଣ୍ଡା ଡ୍ୟାମ୍‌ରୁ ମାଛ ନେଇ ଗାଡ଼ିରେ ଆସୁଥିବା ଏମ୍‌ଭି-୩୮ର ବ୍ୟବସାୟୀ ସୁରଜିତ ଅଧିକାରୀ(୨୧) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର



ଅବସ୍ଥାରେ ସୁରଜିତ ଦୀର୍ଘ ସମୟ ଧରି ସେଠାରେ ପଡ଼ିରହିଥିଲେ। ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଗାଡ଼ିରେ ବସାଇ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସାବେଳେ ଏସ୍‌ବିଆଇ ଓରକେଲ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, ଫିଲ୍ଡ ଅଫିସର ସୌମ୍ୟଜିତ ମଲ୍ଲିକ, ଏସ୍‌ବିଆଇ କାର୍ଡ ମୁଖ୍ୟ ଶିଶିର ଦଳାଇ ଏବଂ ସହାୟକ ଆଶିଷ କୁମାର ରାଉତ ଉପସ୍ଥିତ ଥିଲେ। ବ୍ୟାଙ୍କ କର୍ମଚାରୀମାନଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ମହିଳା ମହାବିଦ୍ୟାଳୟରେ କ୍ଲିନ ଇଣ୍ଡିଆ କାର୍ଯ୍ୟକ୍ରମ

ମାଲକାନଗିରି, ୨୪।୧୦(ଡି.ଏନ୍.ଏ.)–

ମାଲକାନଗିରି ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ନେହେରୁ ଯୁବ କେନ୍ଦ୍ର(ଏନ୍‌ୱାଇକେ)ର ମିଳିତ ପ୍ରୟାସରେ ଶନିବାର କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ପୂର୍ବତନ ପ୍ରତିଷ୍ଠାତା ଦୁର୍ଗା ପ୍ରସାଦ ତ୍ରିପାଠୀ ଓ ବରିଷ୍ଠ ଆଇନଜୀବୀ ଲମ୍ବୋଦୋର ତୁରୁକ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା, ଜିଲା ଏନ୍‌ଏସ୍‌ଏସ୍ ଅଧିକାରିଣୀ ନମିତା



ଦଣ୍ଡସେନା, ନେହେରୁ ଯୁବକେନ୍ଦ୍ରର ଜିଲା ପରିଚାଳକ ହରିଶ ରୂପାଲ, କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ଶତପଥୀ, ବିଜୁ ଯୁବ ଜନତା ଦଳର ସଭାପତି ଆଡମା ରାବା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ରହି ସ୍ୱଚ୍ଛ ଓ ସୁନ୍ଦର ପରିବେଶର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଏହାପରେ ନେହେରୁ ଯୁବକେନ୍ଦ୍ର ସଦସ୍ୟ ଓ କଲେଜ ଛାତ୍ରୀମାନେ ସଫେଇ କାର୍ଯ୍ୟ କରିଥିଲେ। ଏହି ସଫେଇ ଅଭିଯାନରେ ଅଞ୍ଚଳରୁ ୧୭୦ କେ.ଜି. ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ର ସଦସ୍ୟା କେ. ରୋଲକ୍ଷୀ, ରଶ୍ମିତା ମହାପାତ୍ର, ସଙ୍ଗୀତା ମହାପାତ୍ର ପ୍ରମୁଖ ଏହାର ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ....

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢ଼ନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ଖନନରୁ ମିଳୁଛି। ରାଇବଣିଆ ପୀଠଦେବୀଙ୍କୁ ତତ୍କାଳୀନ ମୟୂରଭଞ୍ଜର ରାଜା ନେଇଯାଇ ଖିଚିଂଠାରେ ଅବସ୍ଥାପିତ କରିଥିବା ବାଲେଶ୍ୱର ଗେଜେଟିୟରରୁ ଜଣାପଡେ। ମାତ୍ର ରାଇବଣିଆଗଡର ଆରାଧ୍ୟା ଗଡଚଣ୍ଡୀ ରାଇବଣିଆ ଗ୍ରାମରେ ପୂଜା ପାଉଛନ୍ତି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଡ. ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ରାତ୍ରକାଳୀନ ଗମନାଗମନ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ଓ ପାନୀୟ ଜଳ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହାତକୁ ନିଆଯାଇଛି। ରୁର୍ବାନ ଯୋଜନାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି, ପାର୍କ ଓ ପିଣ୍ଡି ଆଦି ନିର୍ମାଣ ସହିତ ୨୮ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍ ନିର୍ମାଣର ଯୋଜନା ରହିଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ପ୍ରଫୁଲ୍ଲ ସୁର, ଗଡ ଉନ୍ନୟନ କମିଟି ସଭାପତି ବ୍ରିଜେଶ ରଣା, ସାଧାରଣ ସମ୍ପାଦକ ସୁକୁମାର ପ୍ରଧାନ, ସମ୍ପାଦକ ବସନ୍ତ ଘୋଷ, ସଞ୍ଜୀବ ସାମଲ, ଗଙ୍ଗାଧର ଦାସ ପ୍ରମୁଖ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

